



# ୨୦

# ପଦ ନିର୍ଣ୍ଣୟ

## (ବିଶେଷ୍ୟ/ବିଶେଷଣ)

### ୨୦.୧ ଉପକ୍ରମ:

ଶବ୍ଦ ପରସ୍ପର ସହିତ ସମ୍ବନ୍ଧ ସ୍ଥାପନ କରି ଏକ ପୂର୍ଣ୍ଣ ଭାବ ପ୍ରକାଶ କରେ । ଏହି ଶବ୍ଦଗୁଡ଼ିକୁ 'ପଦ' କୁହାଯାଏ । ଚୀନ୍ ଭାରତ ପରସ୍ପରର ପଡ଼ୋଶୀ ରାଷ୍ଟ୍ର । ଏହି ବାକ୍ୟଟିରେ ଚୀନ, ଭାରତ, ପରସ୍ପର, ପଡ଼ୋଶୀ, ରାଷ୍ଟ୍ର-ଗୋଟିଏ ଗୋଟିଏ ଶବ୍ଦ, ଯାହା ପଦରୂପରେ ବାକ୍ୟରେ ପ୍ରୟୋଗ ହୋଇଛି । ଅର୍ଥାତ୍ ଶବ୍ଦ ଉପଯୁକ୍ତ ବିଭକ୍ତି ଯୋଗ ହୋଇ ବାକ୍ୟରେ ବ୍ୟବହୃତ ହେଲେ ତାହାକୁ 'ପଦ' କୁହାଯାଏ ।

### ୨୦.୨ ବିଶେଷ୍ୟ ପଦ:

ବାକ୍ୟ ମଧ୍ୟରେ ବ୍ୟବହୃତ ପଦ କୌଣସି ନାମ, ବସ୍ତୁ, ଜାତି, ଗୁଣ ଇତ୍ୟାଦିକୁ ବୁଝାଉଥିଲେ ତାହାକୁ ବିଶେଷ୍ୟ ପଦ କୁହାଯାଏ । ଏହି ପଦଗୁଡ଼ିକ ପ୍ରଥମା ବିଭକ୍ତିରୁ ସପ୍ତମୀ ବିଭକ୍ତି ଯାଏ ଥିବା ପ୍ରତ୍ୟୟ ବା ଚିହ୍ନକୁ ଗ୍ରହଣ କରିବାର କ୍ଷମତା ରଖନ୍ତି ।

ଯଥା: ପିଲାଟି, ଘରକୁ, ଛୁରୀଦ୍ୱାରା, ଭିକାରୀକୁ, ପର୍ବତରୁ, ଦେଶର, ଗ୍ରାମରେ ଇତ୍ୟାଦି । କେତେକ ସ୍ଥଳରେ ବିଭକ୍ତି ପ୍ରତ୍ୟୟ ଉହ୍ୟଥାଇ ମଧ୍ୟ ବିଶେଷ୍ୟ ପଦରେ ପରିଣତ ହୋଇପାରେ । ଯଥା:- ମୁଁ ବଜାର(କୁ) ଯାଉଛି ।

ପୁରୀ ଜଗନ୍ନାଥ (ଙ୍କ) ମନ୍ଦିର ପାଇଁ ପ୍ରସିଦ୍ଧ ।

ବିଶେଷ୍ୟ ପଦଗୁଡ଼ିକୁ ଭାବ ଦୃଷ୍ଟିରୁ ୫(ପାଞ୍ଚ) ଭାଗରେ ବିଭକ୍ତ କରାଯାଇଛି ।

ଯଥା:- ନାମବାଚକ, ଜାତିବାଚକ, ବସ୍ତୁବାଚକ, ଗୁଣବାଚକ, କ୍ରିୟା ବାଚକ ।

#### ନାମବାଚକ ବିଶେଷ୍ୟ:

ସମସ୍ତ ବିଶେଷ୍ୟ ପଦ ନାମକୁ ବୁଝାଏ । ବ୍ୟକ୍ତିର ନାମକୁ ବ୍ୟକ୍ତିବାଚକ ବିଶେଷ୍ୟ ମଧ୍ୟ କୁହାଯାଏ । ଯଥା:- ହରି ଭଲ ପିଲା । ରାମ ତା'ର ସାଙ୍ଗ ।

ସେହିପରି ସ୍ଥାନ, ନଦୀ, ପର୍ବତ ଇତ୍ୟାଦିର ନାମକୁ ନାମବାଚକ ବିଶେଷ୍ୟ ପଦ ଭାବେ ଗ୍ରହଣ କରାଯାଏ । ଯଥା:- ହିମାଳୟର ମାନସରୋବରରୁ ବାହାରି ବାରାଣସୀ ମଧ୍ୟଦେଇ କଲିକତା ନିକଟରେ ଗଙ୍ଗା ସମୁଦ୍ରରେ ମିଶିଛି ।

#### ଜାତିବାଚକ ବିଶେଷ୍ୟ:

କୌଣସି ନାମକୁ ନ ବୁଝାଇ ସାଧାରଣ ଜାତିକୁ ବୁଝାଉଥିବା ପଦକୁ ଜାତିବାଚକ ବିଶେଷ୍ୟ କହନ୍ତି । ଯଥା:- ମଣିଷ, ପଶୁ, ପକ୍ଷୀ, ନଦୀ, ପର୍ବତ, ବୃକ୍ଷ ।

## ପଦ ନିର୍ଣ୍ଣୟ(ବିଶେଷ୍ୟ/ବିଶେଷଣ)

**ବସ୍ତୁବାଚକ ବିଶେଷ୍ୟ:**

କୌଣସି ପଦ ବସ୍ତୁ ବା ପଦାର୍ଥର ନାମକୁ ବୁଝାଇଲେ ତାହାକୁ ବସ୍ତୁବାଚକ ବିଶେଷ୍ୟ କୁହାଯାଏ । ଏହି ବସ୍ତୁକୁ ଭାଗ ଭାଗ କଲେ ମଧ ତାହା ଅପରିବର୍ତ୍ତିତ ରହେ ।

ଯଥା:- ସୁନାଦର ବଢ଼ି ବଢ଼ି ଚାଲିଛି ।

କାଠ, ପଥରରେ ଗଢ଼ା ଦିଅଁ ମଣିଷର ଭାଗ୍ୟନିୟନ୍ତା ।

ଖରାଦିନେ ଆମ୍ବ ପଣସ ପାଚନ୍ତି ।

**ଗୁଣବାଚକ ବିଶେଷ୍ୟ:**

ଯେଉଁ ପଦ ଅନ୍ୟ କାହାରି ଗୁଣ ବା ଅବସ୍ଥାକୁ ନ ବୁଝାଇ କେବଳ ଗୁଣ ବା ଅବସ୍ଥାର ନାମକୁ ବୁଝାଏ, ତାହାକୁ ଗୁଣବାଚକ ବିଶେଷ୍ୟ କୁହାଯାଏ ।

ଯଥା: ସେ ଖୁବ୍ ଟାଣରେ କଥା କହୁଛି । (ଏଠାରେ ଟାଣ ଏକ ଗୁଣର ନାମ)

ଗରମରେ ଦେହ ଜଳିଯାଉଛି ।

**କ୍ରିୟାବାଚକ ବିଶେଷ୍ୟ:**

ଯେଉଁ ପଦ କୌଣସି କ୍ରିୟା ବା କାମର ନାମକୁ ବୁଝାଏ, ତାକୁ କ୍ରିୟାବାଚକ ବିଶେଷ୍ୟ କୁହାଯାଏ । ମନେ ରଖିବାକୁ ହେବ କ୍ରିୟା ସମ୍ପାଦନକୁ କ୍ରିୟାପଦ କୁହାଯାଏ; ତାହା ବିଶେଷ୍ୟ ନୁହେଁ ।

ଯଥା:- ପହଁରିବା ଏକ ଉତ୍ତମ ବ୍ୟାୟାମ । (ବିଶେଷ୍ୟ ପଦ)

ଚାଲ ଆମେ ନଈ ପହଁରିବା । (କ୍ରିୟାପଦ)

ବାକ୍ୟ ମଧ୍ୟରେ ଶବ୍ଦର ସ୍ଥାନ ଓ ଉଦ୍ଦେଶ୍ୟକୁ ଆଧାର କରି ପଦ ନିର୍ଣ୍ଣିତ ହୋଇଯାଏ ।

## ୨୦.୩ ବିଶେଷଣ:

ବାକ୍ୟ ମଧ୍ୟରେ ଯେଉଁ ପଦ ବିଶେଷ୍ୟ ପଦର କିମ୍ବା ବାକ୍ୟାଂଶର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଇତ୍ୟାଦିକୁ ପ୍ରକାଶ କରେ ସେହି ପଦଗୁଡ଼ିକୁ ବିଶେଷଣ ପଦ କୁହାଯାଏ ।

ଯଥା:- ବୁଦ୍ଧିଆ ପିଲା, ସୁନ୍ଦର ଫୁଲ, ସଜମାଛ, ପାଞ୍ଚମନ, ଲିଟରେ ତେଲ ।

**ଗୁଣବାଚକ ବିଶେଷଣ:**

ସେ ପ୍ରଚଣ୍ଡ ଶକ୍ତିର ଅଧିକାରୀ ।

ଜ୍ଞାନୀ ବ୍ୟକ୍ତିମାନେ ନମ୍ରତା ପ୍ରଦର୍ଶନ କରନ୍ତି ।

**ଅବସ୍ଥା ବାଚକ ବିଶେଷଣ:**

ବୃଦ୍ଧ ବ୍ୟକ୍ତିଙ୍କର ଅଭିଜ୍ଞତା ଅଧିକ ।

ଦଦରା ନାବରେ ସମୁଦ୍ର ପାରିହେବା କଠିନ ।

**ସଂଖ୍ୟାବାଚକ ବିଶେଷଣ:**

ପାଞ୍ଚ ଲୋକଙ୍କ କଥା ଶୁଣିବା ଉଚିତ୍ ।

ଗୋଟିଏ ଲକ୍ଷ୍ୟରେ ସାଧନ କଲେ ସଫଳତା ନିଶ୍ଚିତ ।

ସଂଖ୍ୟାବାଚକ ବିଶେଷଣର ପୂରଣବାଚକ ରୂପ ମଧ୍ୟ ଉପଲବ୍ଧ ହୁଏ ।

ମୁଁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲି ।

ଆଜି ମୋ ପାଠପଢ଼ାର ଦ୍ୱାଦଶ ବର୍ଷ ପୂର୍ଣ୍ଣ ହେଲା ।

**ପରିମାଣବାଚକ ବିଶେଷଣ:** ——

ଲିଟରେ କ୍ଷୀରର ଦାମ ବାଇଶି ଟଙ୍କା ।

କୋଡ଼ିଏ ଟଙ୍କାରେ ଏକ କିଲୋ ଚାଉଳ ମିଳୁଛି ।

କେତେକ ସ୍ଥଳରେ ବିଶେଷ୍ୟ ପଦରୂପ ବିଶେଷଣ ପଦ ଭାବେ ବ୍ୟବହୃତ ହୋଇଥାଏ ।

ଯଥା:- କାଠ ଚଉକିରେ ଠାକୁର ବସିଛନ୍ତି ।

ସେ ସୁନା ହାର ପିନ୍ଧି ସୁନ୍ଦର ଦିଶୁଛି ।

କେତେକ ସ୍ଥଳରେ କ୍ରିୟାରୂପ ମଧ୍ୟ ବିଶେଷଣ ପଦରୂପେ ବ୍ୟବହୃତ ହୁଏ । ଯଥା:-

ଶୋଇଲା ପୁଅର ଭାଗନାହିଁ ।

ସେ ଚାଲିଲା ଶଗଡ଼ରେ ହାତଦେବା ପିଲା ।

## ୨୦.୪ ବିଶେଷ୍ୟ ଓ ବିଶେଷଣ ପଦ ଚିହ୍ନଟ:

| ବିଶେଷ୍ୟ | ବିଶେଷଣ |
|---|---|
| ଓଜନ | ଓଜନିଆ |
| ଗନ୍ଧ | ଗନ୍ଧିଆ |
| ଦୁଧ | ଦୁଧିଆ |
| ମଲ୍ଲୀଫୁଲ | ମଲ୍ଲୀଫୁଲିଆ |
| ତେଲ | ତେଲିଆ |

## ପଦ ନିର୍ଣ୍ଣୟ(ବିଶେଷ୍ୟ/ବିଶେଷଣ)

| | |
|---|---|
| ପାଉଁଶ | ପାଉଁଶିଆ |
| ସରାଗ | ସରାଗିଆ |
| ଅଙ୍ଗ | ଆଙ୍ଗିକ |
| ଅକ୍ଷର | ଆକ୍ଷରିକ |
| କାୟା | କାୟିକ |
| ଜଗତ | ଜାଗତିକ |
| ଦେହ | ଦୈହିକ |
| ପରସ୍ପର | ପାରସ୍ପରିକ |
| ପ୍ରକୃତି | ପ୍ରାକୃତିକ |
| ପୁରାଣ | ପୌରାଣିକ |
| ବାଣିଜ୍ୟ | ବାଣିଜ୍ୟିକ |
| ବିବାହ | ବୈବାହିକ |
| ବିଷୟ | ବୈଷୟିକ |
| ଅଂଶ | ଆଂଶିକ |
| ଅଞ୍ଚଳ | ଆଞ୍ଚଳିକ |
| ଅକ୍ଷର | ଆକ୍ଷରିକ |
| ଈଶ୍ୱର | ଐଶ୍ୱରିକ |
| ଉପନିବେଶ | ଔପନିବେଶିକ |
| କୁଳ | କୌଳିକ |
| ଚରିତ୍ର | ଚାରିତ୍ରିକ |
| ଦେବ | ଦୈବିକ |
| ଧର୍ମ | ଧାର୍ମିକ |
| ନିଷ୍ଠା | ନୈଷ୍ଠିକ |
| ପରମ୍ପରା | ପାରମ୍ପରିକ |
| ପ୍ରବନ୍ଧ | ପ୍ରାବନ୍ଧିକ |
| ପ୍ରସଙ୍ଗ | ପ୍ରାସଙ୍ଗିକ |

| | |
|---|---|
| ବଚନ | ବାଚନିକ |
| ବିପ୍ଳବ | ବୈପ୍ଳବିକ |
| ବେଦ | ବୈଦିକ |
| ବିଦେଶ | ବୈଦେଶିକ |
| ସମାଜ | ସାମାଜିକ |
| ମାନବ | ମାନବିକ |
| ସମୁଦ୍ର | ସାମୁଦ୍ରିକ |
| ସମୟ | ସାମୟିକ |
| ସଙ୍କେତ | ସାଙ୍କେତିକ |
| ଅନୁପ୍ରାଣନ | ଅନୁପ୍ରାଣିତ |
| ଉଭବ | ଉଭାବିତ |
| କଳଙ୍କ | କଳଙ୍କିତ |
| ପ୍ରଚଳନ | ପ୍ରଚଳିତ |
| ଜନ୍ମ | ଜନ୍ମିତ |
| ବାଞ୍ଛା | ବାଞ୍ଛିତ |
| ବିସ୍ତାର | ବିସ୍ତାରିତ |
| ଉତ୍ସାହ | ଉତ୍ସାହିତ |
| ନିୟମ | ନିୟମିତ |
| ପ୍ରଚାର | ପ୍ରଚାରିତ |
| ବିବାହ | ବିବାହିତ |
| ସମ୍ମାନ | ସମ୍ମାନିତ |
| ଶିକ୍ଷା | ଶିକ୍ଷିତ |
| ସୁରଭି | ସୁରଭିତ |
| ଋଣ | ଋଣୀ |
| ନିୟୋଗ | ନିୟୋଗୀ |
| ପାପ | ପାପୀ |





## ପଦ ନିର୍ଣ୍ଣୟ(ବିଶେଷ୍ୟ/ବିଶେଷଣ)

| | |
|---|---|
| ବିଦାୟ | ବିଦାୟୀ |
| ସନ୍ଧାନ | ସନ୍ଧାନୀ |
| ସୁଖ | ସୁଖୀ |
| ଅନୁରାଗ | ଅନୁରାଗୀ |
| ଅନୁଭବ | ଅନୁଭବୀ |
| ଦୋଷ | ଦୋଷୀ |
| ପ୍ରୟାସୀ | ପ୍ରୟାସୀ |
| ଏକ | ଐକ୍ୟ |
| କୃତି | କୃତ୍ୟ |
| ମୁଖ | ମୁଖ୍ୟ |
| ଶ୍ରବଣ | ଶ୍ରାବ୍ୟ |
| ଆକର୍ଷଣ | ଆକର୍ଷଣୀୟ |
| ଈଶ୍ୱର | ଈଶ୍ୱରୀୟ |
| ଗ୍ରହଣ | ଗ୍ରହଣୀୟ |
| ଉତ୍କଳ | ଉତ୍କଳୀୟ |
| ଦର୍ଶନ | ଦର୍ଶନୀୟ |
| ବିଦେଶ | ବିଦେଶୀୟ |
| ମାନବ | ମାନବୀୟ |
| ସମ୍ବନ୍ଧ | ସମ୍ବନ୍ଧୀୟ |
| ନାଟକ | ନାଟକୀୟ |
| ଜାତି | ଜାତୀୟ |
| ଆଣ୍ଠ | ଆଣ୍ଠୁଆ |
| ଗାତ | ଗାତୁଆ |
| ଚେର | ଚେରୁଆ |
| ମଦ | ମଦୁଆ |
| ବାଘ | ବାଘୁଆ |

| | |
|---|---|
| ଅଧିକାର | ଅଧିକୃତ |
| ଅନୁରାଗ | ଅନୁରକ୍ତ |
| ଅଧିଷ୍ଠାନ | ଅଧିଷ୍ଠିତ |
| ଅନୁସାର | ଅନୁସୃତ |
| ତୃପ୍ତି | ତୃପ୍ତ |
| ନିମନ୍ତ୍ରଣ | ନିମନ୍ତ୍ରିତ |
| ଦମ୍ପତି | ଦାମ୍ପତ୍ୟ |
| ନ୍ୟାୟ | ନ୍ୟାଯ୍ୟ |
| ଲେପନ | ଲେପ୍ୟ |

•••